# .. ଶ୍ରୀମଦ୍ଭଗବଦ୍ଗୀତା ଷଷ୍ଠୋଽଧ୍ୟାୟଃ (ଆତ୍ମସଂୟମଯୋଗଃ) ..

CHAPTER 6
(PATH OF MEDITATION)

## ଅଥ ଷଷ୍ଠୋଽଧ୍ୟାୟଃ . ଆତ୍ମସଂୟମଯୋଗଃ

### ଶ୍ରୀଭଗବାନୁବାଚ .

**ଅନାଶ୍ରିତଃ କର୍ମଫଲଂ କାର୍ୟଂ କର୍ମ କରୋତି ୟଃ .**

**ସ ସଂନ୍ୟାସୀ ଚ ୟୋଗୀ ଚ ନ ନିରଗ୍ନିର୍ନ ଚାକ୍ରିୟଃ .. ୬-୧..**

ଶ୍ରୀଭଗବାନ୍ କହିଲେ -- ଯେଉଁ ପୁରୁଷ କର୍ମଫଳକୁ ଆଶ୍ରୟ ନ କରି କର୍ତ୍ତବ୍ୟ କର୍ମ କରନ୍ତି, ସେ ସନ୍ନ୍ୟାସୀ ତଥା ଯୋଗୀ ଅଟନ୍ତି | କେବଳ ଅଗ୍ନି ତ୍ୟାଗ କରିଥିବା ମନୁଷ୍ୟ ସନ୍ନ୍ୟାସୀ ନୁହେଁ, କି କେବଳ କ୍ରିୟା ତ୍ୟାଗ କରିଥିବା ମନୁଷ୍ୟ ଯୋଗୀ ନୁହେଁ ||୬-୦୧ ||

The Supreme Lord said: One who performs the prescribed duty without seeking its fruit is a Samnyasi and a (Karma) yogi, not the one who merely does not light the sacred fire, and does not work. (6.01)

**ୟଂ ସଂନ୍ୟାସମିତି ପ୍ରାହୁର୍ୟୋଗଂ ତଂ ବିଦ୍ଧି ପାଂଡବ .**

**ନ ହ୍ୟସଂନ୍ୟସ୍ତସଂକଲ୍ପୋ ୟୋଗୀ ଭବତି କଶ୍ଚନ .. ୬-୨..**

ହେ ଅର୍ଜୁନ! ଯାହାକୁ ସନ୍ନ୍ୟାସ ବୋଲି କହନ୍ତି, ତାହାକୁ ହିଁ ତୁମେ ଯୋଗ ବୋଲି ଜାଣ, କାରଣ ସଂକଳ୍ପ ତ୍ୟାଗ କରି ନ ଥିବା କୌଣସି ବି  ପୁରୁଷ ଯୋଗୀ ହୁଏ ନାହିଁ ||୬-୦୨ ||

O Arjuna, know that to be the Karma-yoga which they call Samnyasa. No one becomes a Karma-yogi who has not renounced the selfish motive behind an action. (See also 5.01, 5.05, 6.01, and 18.02) (6.02)

## ଆରୁରୁକ୍ଷୋର୍ମୁନେର୍ୟୋଗଂ କର୍ମ କାରଣମୁଚ୍ୟତେ .

## ୟୋଗାରୂଢସ୍ୟ ତସ୍ୟୈବ ଶମଃ କାରଣମୁଚ୍ୟତେ .. ୬-୩..

ଯୋଗାରୂଢ ହେବାକୁ ଇଚ୍ଛୁକ ମନନଶୀଳ ପୁରୁଷଙ୍କ ନିମନ୍ତେ ନିଷ୍କାମଭାବରେ କର୍ମ କରିବା ହିଁ ଯୋଗପ୍ରାପ୍ତିର ହେତୁ ବୋଲି କୁହାଯାଏ ଏବଂ ଯୋଗାରୂଢ ହୋଇଯିବା ପରେ ସେହି ଯୋଗାରୂଢ ପୁରୁଷଙ୍କର ସର୍ବସଂକଳ୍ପଶୂନ୍ୟତା ହିଁ ତାଙ୍କ କଲ୍ୟାଣର କାରଣ ବୋଲି କୁହାଯାଏ ||୬-୦୩ ||

For the wise who seeks to attain yoga (of meditation or the equanimity of mind), Karma-yoga is said to be the means; for the one who has attained yoga, the equanimity becomes the means (of Self-Realization). (6.03)

## ୟଦା ହି ନେଂଦ୍ରିୟାର୍ଥେଷୁ ନ କର୍ମସ୍ୱନୁଷଜ୍ଜତେ .

## ସର୍ବସଂକଲ୍ପସଂନ୍ୟାସୀ ୟୋଗାରୂଢସ୍ତଦୋଚ୍ୟତେ .. ୬-୪..

ପୁରୁଷ ଯେତେବେଳେ ଇନ୍ଦ୍ରିୟମାନଙ୍କର ଭୋଗରେ ଓ କର୍ମମାନଙ୍କରେ ମଧ୍ୟ ଆସକ୍ତ ହୁଅନ୍ତି ନାହିଁ, ସେତେବେଳେ ସେହି ସର୍ବସଂକଳ୍ପତ୍ୟାଗୀ ଯୋଗାରୂଢ ବୋଲି କଥିତ ହୁଅନ୍ତି | ||୬-୦୪ ||

A person is said to have attained yogic perfection when there is no desire for sensual pleasures, or attachment to the fruits of work, and has renounced all personal selfish motives. (6.04)

## ଉଦ୍ଧରେଦାତ୍ମନାତ୍ମାନଂ ନାତ୍ମାନମବସାଦୟେତ୍ .

## ଆତ୍ମୈବ ହ୍ୟାତ୍ମନୋ ବଂଧୁରାତ୍ମୈବ ରିପୁରାତ୍ମନଃ .. ୬-୫..

ନିଜଦ୍ୱାରା ନିଜକୁ ସଂସାରସାଗରରୁ ଉଦ୍ଧାର କରିବା ଉଚିତ; ନିଜକୁ ଅଧୋଗତିରେ ପକାଇବା ଉଚିତ ନୁହେଁ; କାରଣ ମନୁଷ୍ୟ ନିଜେ ହିଁ ନିଜର ମିତ୍ର ଓ ନିଜେ ହିଁ ନିଜର ଶତ୍ରୁ ||୬-୦୫ ||

One must elevate, not degrade, oneself by one's own mindxe ``mind''. The mind alone is one's friend as well as one's enemy. (6.05)

## ବଂଧୁରାତ୍ମାତ୍ମନସ୍ତସ୍ୟ ୟେନାତ୍ମୈବାତ୍ମନା ଜିତଃ .

## ଅନାତ୍ମନସ୍ତୁ ଶତ୍ରୁତ୍ୱେ ବର୍ତେତାତ୍ମୈବ ଶତ୍ରୁବତ୍ .. ୬-୬..

ଯେଉଁ ଜୀବାତ୍ମାଦ୍ୱାରା ମନ ଓ ଇନ୍ଦ୍ରିୟସହିତ ଶରୀରକୁ  ଜୟ କରାଯାଇଛି, ସେହି ଜୀବାତ୍ମା ନିଜେ ହିଁ ନିଜର ମିତ୍ର ଏବଂ ଯାହାଦ୍ୱାରା ମନ, ଇନ୍ଦ୍ରିୟ ଓ ଶରୀରକୁ ଜୟ କରାଯାଇ ନାହିଁ, ସେ ନିଜେ ହିଁ ନିଜର ଶତ୍ରୁପରି ଆଚରଣ କରେ ||୬-୦୬ ||

The mind is the friendxe ``friend'' of those who have control over it, and the mind acts like an enemy for those who do not control it. (6.06)

## ଜିତାତ୍ମନଃ ପ୍ରଶାଂତସ୍ୟ ପରମାତ୍ମା ସମାହିତଃ .

## ଶୀତୋଷ୍ଣସୁଖଦୁଃଖେଷୁ ତଥା ମାନାପମାନୟୋଃ .. ୬-୭..

ଶୀତ-ଉଷ୍ଣ ଓ ସୁଖ- ଦୁଖଃରେ ତଥା ମାନ- ଅପମାନରେ ଯାହାଙ୍କ ଅନ୍ତଃକରଣର ବୃତ୍ତିଗୁଡିକ ଭଲରୂପେ ଶାନ୍ତ ରହନ୍ତି, ସେପରି ସ୍ଵାଧୀନ-ଆତ୍ମାବିଶିଷ୍ଟ ପୁରୁଷଙ୍କ ଜ୍ଞାନରେ ସଚ୍ଚିଦାନନ୍ଦଘନ ପରମାତ୍ମା ସମ୍ୟକ୍‌ପ୍ରକାରେ ସ୍ଥିତ ଅଟନ୍ତି ଅର୍ଥାତ୍ ତାଙ୍କ ଜ୍ଞାନରେ ପରମାତ୍ମାଙ୍କ ବ୍ୟତୀତ ଅନ୍ୟ କିଛି ହିଁ ନାହିଁ ||୬-୦୭ ||

*One who has control over the mind is tranquil in heat and cold, in pleasure and pain, and in honor and dishonor; and is ever steadfast with the Supreme Self. (6.07)*

## ଜ୍ଞାନବିଜ୍ଞାନତୃପ୍ତାତ୍ମା କୂଟସ୍ଥୋ ବିଜିତେଂଦ୍ରିୟଃ .

## ଯୁକ୍ତ ଇତ୍ୟୁଚ୍ୟତେ ଯୋଗୀ ସମଲୋଷ୍ଟାଶ୍ମକାଂଚନଃ .. ୬-୮..

ଯାହାଙ୍କର ଅନ୍ତଃକରଣ ଜ୍ଞାନବିଜ୍ଞାନରେ ତୃପ୍ତ, ଯାହାଙ୍କର ସ୍ଥିତି ବିକାରଶୂନ୍ୟ, ଯାହାଙ୍କର ଇନ୍ଦ୍ରିୟମାନେ ଭଲଭାବରେ ବଶୀଭୂତ ହୋଇଛନ୍ତି ଏବଂ ଯାହାଙ୍କ ପାଇଁ ମାଟି, ପଥର ଓ ସୁନା ସମାନ, ସେହି ଯୋଗୀ ଯୁକ୍ତ ଅର୍ଥାତ୍ ଭଗବତ୍‌ପ୍ରାପ୍ତ ବୋଲି କୁହାଯାନ୍ତି ||୬-୦୮ ||

*A yogi is called Self-realized who is satisfied with knowledge and understanding of the Self, who is equanimous, who has control over the (mind and) senses, and to whom a clod, a stone, and gold are the same. (6.08)*

## ସୁହୃନ୍ମିତ୍ରାର୍ୟୁଦାସୀନମଧ୍ୟସ୍ଥଦ୍ଵେଷ୍ୟବଂଧୁଷୁ .

## ସାଧୁଷ୍ଵପି ଚ ପାପେଷୁ ସମବୁଦ୍ଧିର୍ବିଶିଷ୍ୟତେ .. ୬-୯..

ସୁହୃଦ୍,ମିତ୍ର, ବୈରୀ, ଉଦାସୀନ, ମଧ୍ୟସ୍ଥ, ଦ୍ଵେଷ୍ୟ ଓ ବନ୍ଧୁଗଣଙ୍କ ଠାରେ, ଧର୍ମାତ୍ମାମାନଙ୍କ ଠାରେ ଓ ପାପୀମାନଙ୍କ ଠାରେ ମଧ୍ୟ ସମାନ ଭାବ ରଖୁଥିବା ପୁରୁଷ ଅତ୍ୟନ୍ତ ଶ୍ରେଷ୍ଠ ଅଟନ୍ତି | ||୬-୦୯ ||

*A person is considered superior who is impartial towards companions, friends, enemies, neutrals, arbiters, haters, relatives, saints, and sinners. (6.09)*

## ଯୋଗୀ ଯୁଂଜୀତ ସତତମାତ୍ମାନଂ ରହସି ସ୍ଥିତଃ .

## ଏକାକୀ ଯତଚିତ୍ତାତ୍ମା ନିରାଶୀରପରିଗ୍ରହଃ .. ୬-୧୦..

ମନ ଓ ଇନ୍ଦ୍ରିୟମାନଙ୍କ ସହିତ ଶରୀରକୁ ବଶ କରି ରଖୁଥିବା, ଆଶାରହିତ ଓ ସଂଗ୍ରହରହିତ  ଯୋଗୀ ଏକାକୀ ହିଁ ଏକାନ୍ତ ସ୍ଥାନରେ ଅବସ୍ଥିତ ହୋଇ ଆତ୍ମାକୁ ନିରନ୍ତର ପରମାତ୍ମାରେ ଲଗାଇବା ଉଚିତ ||୬-୧୦ ||

*Let the yogiseated in solitude and alonehaving mind and senses under control and free from desires and attachments for possessions, try constantly to contemplate on the Supreme Self. (6.10)*

## ଶୁଚୌ ଦେଶେ ପ୍ରତିଷ୍ଠାପ୍ୟ ସ୍ଥିରମାସନମାତ୍ମନଃ .

## ନାତ୍ୟୁଚ୍ଛ୍ରିତଂ ନାତିନୀଚଂ ଚୈଲାଜିନକୁଶୋତ୍ତରମ୍ .. ୬-୧୧..

ଶୁଦ୍ଧ ଭୂମି ଉପରେ କ୍ରମଶଃ କୁଶ, ତା' ଉପରେ ମୃଗଚର୍ମ ଓ ତା' ଉପରେ ବସ୍ତ୍ର ବିଛାଇ ଅତି ଉଚ୍ଚା କିମ୍ବା ଅତି ନୀଚା ନ କରି ନିଜର ଆସନ ସ୍ଥିର କରି ପକାଇ, - - - ||୬-୧୧ ||

The yogi should sit on a firm seat that is neither too high nor too low, covered with sacred Kusha grass, a deerskin, and a cloth, one over the other, in a clean spot. (6.11)

## ତତ୍ରୈକାଗ୍ରଂ ମନଃ କୃତ୍ୱା ଯତଚିତ୍ତେଂଦ୍ରିୟକ୍ରିୟଃ .

## ଉପବିଶ୍ୟାସନେ ଯୁଞ୍ଜ୍ୟାଦ୍ୟୋଗମାତ୍ମବିଶୁଦ୍ଧୟେ .. ୬-୧୨..

ସେହି ଆସନରେ ବସି ଚିତ୍ତ ଓ ଇନ୍ଦ୍ରିୟମାନଙ୍କର କ୍ରିୟାମାନଙ୍କୁ ବଶରେ ରଖି ମନ ଏକାଗ୍ର କରି ଅନ୍ତଃକରଣଶୁଦ୍ଧିପାଇଁ ଯୋଗ ଅଭ୍ୟାସ କରିବା ଉଚିତ | ||୬-୧୨ ||

Sitting (in a comfortable position) and concentrating the mind on a single object, controlling the thoughts and the activities of the senses, let the yogi practice meditation for self-purification. (6.12)

## ସମଂ କାୟଶିରୋଗ୍ରୀବଂ ଧାରୟନ୍ନଚଲଂ ସ୍ଥିରଃ .

## ସଂପ୍ରେକ୍ଷ୍ୟ ନାସିକାଗ୍ରଂ ସ୍ୱଂ ଦିଶଶ୍ଚାନବଲୋକୟନ୍ .. ୬-୧୩..

ଶରୀର, ଶିର ଏବଂ ଗ୍ରୀବା (ବେକ) ସଳଖ ଓ ଅଚଳ ରଖି ଏବଂ ସ୍ଥିର * ହୋଇ ନିଜ ନାସିକାର ଅଗ୍ରଭାଗରେ ଦୃଷ୍ଟି ନିବଦ୍ଧ କରି ଅନ୍ୟ ଆଡେ ନ ଚାହିଁ -- ||୬-୧୩ ||

Hold the waist, spine, chest, neck, and head erect, motionless and steady, fix the eyes and the mind steadily between the eye brows, and do not look around. (See also 4.29, 5.27 and 8.10) (6.13)

## ପ୍ରଶାଂତାତ୍ମା ବିଗତଭୀର୍ବ୍ରହ୍ମଚାରିବ୍ରତେ ସ୍ଥିତଃ .

## ମନଃ ସଂୟମ୍ୟ ମଚ୍ଚିତ୍ତୋ ଯୁକ୍ତ ଆସୀତ ମତ୍ପରଃ .. ୬-୧୪..

ବ୍ରହ୍ମଚାରିବ୍ରତରେ ସ୍ଥିତ ଭୟଶୂନ୍ୟ ପ୍ରଶାନ୍ତ ଅନ୍ତଃକରଣବିଶିଷ୍ଟ ତଥା ସାବଧାନ ଯୋଗୀ ମନକୁ ସଂଯତ କରି, ମୋଠାରେ ଯୁକ୍ତଚିତ୍ତ ହୋଇ ଏବଂ ମୋର ପରାୟଣ ହୋଇ ବସିବା ଉଚିତ ||୬-୧୪ ||

A simple meditation technique is given here: (1) Fix your gaze and the mind inside the chest center, the seat of the causal heart, and breath normally. Imagine a crimson lotus with a cool radiant point-source of light in the center of the lotus. Quietly watch the breath coming in and going out of this lotus. Do not try to control your breathing. (2) Mentally chant your mantra, or ``So'' as you inhale and ``Hum'' as you exhale. Meditate calmly on the effulgent lotus, just witness and watch the thought waves of the mind, and feel the peace and serenity. With serene and fearless mind; practicing celibacy; having the mind under control and thinking of Me; let the yogi sit and have Me as the supreme goal. (6.14)

ଯୁଞ୍ଜନ୍ନେବଂ ସଦାତ୍ମାନଂ ଯୋଗୀ ନିୟତମାନସଃ .

ଶାଂତିଂ ନିର୍ବାଣପରମାଂ ମତ୍ସଂସ୍ଥାମଧିଗଚ୍ଛତି .. ୬-୧୫..

ମନକୁ ବଶ କରିଥିବା ଯୋଗୀ ଏପରିଭାବରେ ଆତ୍ମାକୁ ନିରନ୍ତର ମୋର ଅର୍ଥାତ୍ ପରମେଶ୍ୱରଙ୍କ ସ୍ୱରୂପରେ ଲଗାଇ ମୋଠାରେ ଥିବା ପରମାନନ୍ଦର ପରାକାଷ୍ଠାରୂପକ ଶାନ୍ତି ପ୍ରାପ୍ତ ହୁଅନ୍ତି ||୬-୧୫ ||

Thus, by always keeping the mind fixed on the Self, the yogi whose mind is subdued attains peace of the Supreme nirvana by uniting with Me. (6.15)

ନାତ୍ୟଶ୍ନତସ୍ତୁ ଯୋଗୋଽସ୍ତି ନ ଚୈକାଂତମନଶ୍ନତଃ .

ନ ଚାତିସ୍ୱପ୍ନଶୀଲସ୍ୟ ଜାଗ୍ରତୋ ନୈବ ଚାର୍ଜୁନ .. ୬-୧୬..

ହେ ଅର୍ଜୁନ! ଯେ ବହୁତ ଭୋଜନ କରେ କିମ୍ବା ଯେ ଆଦୌ ଭୋଜନ କରେ ନାହିଁ, ଯେ ବହୁତ ଶୁଏ କିମ୍ବା ଯେ ଆଦୌ ଶୁଏ ନାହିଁ, ତା' ଦ୍ୱାରା ଏହି ଯୋଗ ସିଦ୍ଧ ହୁଏ ନାହିଁ ||୬-୧୬ ||

This yoga is not possible, O Arjuna, for the one who eats too much, or who does not eat at all; who sleeps too much, or who keeps awake. (6.16)

ଯୁକ୍ତାହାରବିହାରସ୍ୟ  ଯୁକ୍ତଚେଷ୍ଟସ୍ୟ କର୍ମସୁ .

ଯୁକ୍ତସ୍ୱପ୍ନାବବୋଧସ୍ୟ ଯୋଗୋ ଭବତି ଦୁଃଖହା .. ୬-୧୭..

ଏହି ଦୁଃଖନାଶକାରୀ ଯୋଗ ତ ଯଥାଯୋଗ୍ୟ ଆହାର-ବିହାର କରୁଥିବା ଲୋକର, କର୍ମ କରିବାକୁ ଯଥାଯୋଗ୍ୟ ଚେଷ୍ଟା କରୁଥିବା ଲୋକର ତଥା ଯଥାଯୋଗ୍ୟ ଶୋଉଥିବା ଓ ଚେଉଁଥିବା ଲୋକର ହିଁ ସିଦ୍ଧ ହୁଏ ||୬-୧୭ ||

But, for the one who is moderate in eating, recreation, working, sleeping, and waking, this yoga (of meditation) destroys (all) sorrow. (6.17)

ଯଦା ବିନିୟତଂ ଚିତ୍ତମାତ୍ମନ୍ୟେବାବତିଷ୍ଠତେ .

ନିଃସ୍ପୃହଃ ସର୍ବକାମେଭ୍ୟୋ ଯୁକ୍ତ ଇତ୍ୟୁଚ୍ୟତେ ତଦା .. ୬-୧୮..

ଅତ୍ୟନ୍ତ ବଶୀଭୂତ ହୋଇଥିବା ଚିତ୍ତ ଯେତେବେଳେ ପରମାତ୍ମାଙ୍କ ଠାରେ ହିଁ ଭଲଭାବରେ ଅବସ୍ଥାନ କରେ, ସେତେବେଳେ ସକଳ ଭୋଗରୁ ନିଃସ୍ପୃହ ପୁରୁଷ ଯୋଗଯୁକ୍ତ ହୁଅନ୍ତି ବୋଲି କୁହାଯାଏ ||୬-୧୮ ||

A person is said to have achieved yoga, the union with the Self, when the perfectly disciplined mind gets freedom from all desires, and becomes absorbed in the Self alone. (6.18)

ୟଥା ଦୀପୋ ନିବାତସ୍ଥୋ ନେଂଗତେ ସୋପମା ସ୍ମୃତା .

ୟୋଗିନୋ ୟତଚିତ୍ତସ୍ୟ ୟୁଞ୍ଜତୋ ୟୋଗମାତ୍ମନଃ .. ୬-୧୯..

ପବନ ନ ଥିବା ସ୍ଥାନରେ ରହିଥିବା ଦୀପର ଶିଖା ଯେପରି ଚଞ୍ଚଳ ହୁଏ ନାହିଁ, ପରମାତ୍ମାଙ୍କ ଧ୍ୟାନରେ ଲାଗିରହିଥିବା ଯୋଗୀଙ୍କର ବଶୀଭୂତ ଚିତ୍ତ ସେହିପରି ସ୍ଥିର ରହେ ବୋଲି କୁହାଯାଏ ||୬-୧୯ ||

As a lamp in a spot sheltered (by Brahman) from the wind (of desires) does not flicker, this simile is used for the subdued mind of a yogi practicing meditation on Brahman. (6.19)

ୟତ୍ରୋପରମତେ ଚିତ୍ତଂ ନିରୁଦ୍ଧଂ ୟୋଗସେବୟା .

ୟତ୍ର ଚୈବାତ୍ମନାତ୍ମାନଂ ପଶ୍ୟନ୍ନାତ୍ମନି ତୁଷ୍ୟତି .. ୬-୨୦..

ଯୋଗାଭ୍ୟାସଦ୍ୱାରା ନିରୁଦ୍ଧ ହୋଇଥିବା ଚିତ୍ତ ଯେଉଁ ଅବସ୍ଥାରେ ଉପରତି ପ୍ରାପ୍ତ ହୋଇଯାଏ ଓ ଯେଉଁ ଅବସ୍ଥାରେ ପରମାତ୍ମାଙ୍କ ଧ୍ୟାନରେ ଶୁଦ୍ଧ ହୋଇଥିବା ସୂକ୍ଷ୍ମବୁଦ୍ଧିଦ୍ୱାରା ପରମାତ୍ମାଙ୍କୁ ସାକ୍ଷାତ କରି ସଚ୍ଚିଦାନନ୍ଦଘନ ପରମାତ୍ମାରେ ହିଁ ସନ୍ତୁଷ୍ଟ ହୋଇ ରହେ, --- ||୬-୨୦ ||

When the mind disciplined by the practice of meditation becomes steady, one becomes content in the Self by beholding Him with (purified) intellect. (6.20)

ସୁଖମାତ୍ୟଂତିକଂ ୟତ୍ତଦ୍ ବୁଦ୍ଧିଗ୍ରାହ୍ୟମତୀଂଦ୍ରିୟମ୍ .

ବେତ୍ତି ୟତ୍ର ନ ଚୈବାୟଂ ସ୍ଥିତଶ୍ଚଲତି ତତ୍ତ୍ୱତଃ .. ୬-୨୧..

କେବଳ ବିଶୁଦ୍ଧ ଓ ସୂକ୍ଷ୍ମ ବୁଦ୍ଧିଦ୍ୱାରା ଗ୍ରହଣଯୋଗ୍ୟ ଯେଉଁ ଇନ୍ଦ୍ରିୟାତୀତ ଅନନ୍ତ ଆନନ୍ଦ ରହିଛି, ଯୋଗୀ ତାହାକୁ ଯେଉଁ ଅବସ୍ଥାରେ ଅନୁଭବ କରନ୍ତି ଓ ଯେଉଁ ଅବସ୍ଥାରେ ସ୍ଥିତ ହେଲେ ଏହି ଯୋଗୀ ପରମାତ୍ମାଙ୍କ ସ୍ୱରୂପରୁ କଦାପି ବିଚଳିତ ହୁଅନ୍ତି ନାହିଁ,--- ||୬-୨୧ ||

One feels infinite bliss that is perceivable only through the intellect, and is beyond the reach of the senses. After realizing Brahman, one is never separated from absolute reality. (6.21)

ୟଂ ଲବ୍ଧ୍ୱା ଚାପରଂ ଲାଭଂ ମନ୍ୟତେ ନାଧିକଂ ତତଃ .

ୟସ୍ମିନ୍ସ୍ଥିତୋ ନ ଦୁଃଖେନ ଗୁରୁଣାପି ବିଚାଲ୍ୟତେ .. ୬-୨୨..

ପରମାତ୍ମାପ୍ରାପ୍ତିରୂପକ ଯେଉଁ ଲାଭ ପ୍ରାପ୍ତ ହେଲେ, ତା'ଠାରୁ ଅଧିକ ଅନ୍ୟ କିଛି ଲାଭ ଅଛି ବୋଲି ଯୋଗୀ ମାନନ୍ତି ନାହିଁ ଓ ପରମାତ୍ମାପ୍ରାପ୍ତିରୂପକ ଯେଉଁ ଅବସ୍ଥାରେ ସ୍ଥିତ ହେଲେ ଯୋଗୀ ଅତିଶୟ ଦୁଃଖରେ ମଧ୍ୟ ବିଚାଳିତ ହୁଅନ୍ତି ନାହିଁ, ---- ||୬-୨୨ ||

After Self-Realization (SR), one does not regard any other gain superior to SR. Established in SR, one is not moved even by the greatest calamity. (6.22)

ତଂ ବିଦ୍ୟାଦ୍ ଦୁଃଖସଂୟୋଗବିୟୋଗଂ ୟୋଗସଂଜ୍ଞିତମ୍ .

ସ ନିଶ୍ଚୟେନ ୟୋକ୍ତବ୍ୟୋ ୟୋଗୋଽନିର୍ବିଣ୍ଣଚେତସା .. ୬-୨୩..

ଯାହା ଦୁଃଖରୂପକ ସଂସାରର ସଂଯୋଗରୁ ରହିତ ତଥା ଯାହାର ନାମ ଯୋଗ, ତାହା ଜାଣିବା ଆବଶ୍ୟକ | କ୍ଷୁଣ୍ଣ ନ ହୋଇ ଅର୍ଥାତ୍ ଧୈର୍ଯ୍ୟ ଓ ଉତ୍ସାହଯୁକ୍ତ ଚିତ୍ତରେ ନିଶ୍ଚୟପୂର୍ବକ ସେହି ଯୋଗସାଧନା କରିବା କର୍ତ୍ତବ୍ୟ ||୬-୨୩ || The (state of) severance of union with sorrow is known by the name of yoga. This yoga should be practiced with firm determination and perseverance, without any mental reservation or doubts. (6.23)

ସଂକଲ୍ପପ୍ରଭବାଂକାମାଂସ୍ତ୍ୟକ୍ତ୍ୱା ସର୍ବାନଶେଷତଃ .

ମନସୈବେଂଦ୍ରିୟଗ୍ରାମଂ ବିନିୟମ୍ୟ ସମଂତତଃ .. ୬-୨୪..

ସଂକଳ୍ପରୁ ଉତ୍ପନ୍ନ ହେଉଥିବା ସକଳ କାମନା ନିଃଶେଷରୂପେ ତ୍ୟାଗ କରି, ସମସ୍ତ ଇନ୍ଦ୍ରିୟଙ୍କୁ ସବୁ ଦିଗରୁ ଭଲଭାବେ ମନଦ୍ୱାରା ନିରୋଧ କରି ---- ||୬-୨୪ ||

Totally abandoning all selfish desires, and completely restraining the senses (from the sense objects) by the intellect; (6.24)

ଶନୈଃ ଶନୈରୁପରମେଦ୍ ବୁଦ୍ଧ୍ୟା ଧୃତିଗୃହୀତୟା .

ଆତ୍ମସଂସ୍ଥଂ ମନଃ କୃତ୍ୱା ନ କିଂଚିଦପି ଚିଂତୟେତ୍ .. ୬-୨୫..

କ୍ରମଶଃ  ଅଭ୍ୟାସ କରି କରି ଉପରତି ପ୍ରାପ୍ତ ହେବା ଉଚିତ ତଥା ଧୈର୍ଯ୍ୟଯୁକ୍ତ ବୁଦ୍ଧିଦ୍ୱାରା ମନକୁ ପରମାତ୍ମାରେ ଲଗାଇ ପରମାତ୍ମାଙ୍କ ବ୍ୟତୀତ ଅନ୍ୟ କିଛି ବି ଚିନ୍ତନ କରିବା ଉଚିତ ନୁହେଁ ||୬-୨୫ ||

One gradually attains tranquillity of mind by keeping the mind fully absorbed in the Self by means of a well-trained (and purified) intellect, and thinking of nothing else. (6.25)

ୟତୋ ୟତୋ ନିଶ୍ଚରତି ମନଶ୍ଚଂଚଲମସ୍ଥିରମ୍ .

ତତସ୍ତତୋ ନିୟମ୍ୟୈତଦାତ୍ମନ୍ୟେବ ବଶଂ ନୟେତ୍ .. ୬-୨୬..

ଏହି ଅସ୍ଥିର ଚଞ୍ଚଳ ମନ ଯେଉଁ ଯେଉଁ  ଶବ୍ଦାଦି ବିଷୟନିମନ୍ତେ ସଂସାରରେ ବିଚରଣ କରେ, ତାହାକୁ ସେହି ସେହି ବିଷୟରୁ ରୋଧ କରି ଅର୍ଥାତ୍ ହଟାଇ ଆଣି ବାରମ୍ବାର ପରମାତ୍ମାଙ୍କ ଠାରେ ହିଁ ନିରୁଦ୍ଧ କରିବା ଉଚିତ ||୬-୨୬ ||

Wheresoever this restless and unsteady mind wanders away, one should (gently) bring it back to the reflection of the Supreme. (6.26)

## ପ୍ରଶାଂତମନସଂ ହ୍ୟେନଂ ୟୋଗିନଂ ସୁଖମୁତ୍ତମମ୍ .

## ଉପୈତି ଶାଂତରଜସଂ ବ୍ରହ୍ମଭୂତମକଲ୍ମଷମ୍ .. ୬-୨୭..

ଯାହାଙ୍କର ମନ ଭଲଭାବରେ ଶାନ୍ତ ଅଟେ, ଯେ ପାପରୁ ରହିତ ଓ ଯାହାଙ୍କର ରଜୋଗୁଣ ଶାନ୍ତ ହୋଇଗଲାଣି, ସଚ୍ଚିଦାନନ୍ଦଘନ ବ୍ରହ୍ମଙ୍କ ସହିତ ଏକତ୍ୱଭାବ ପ୍ରାପ୍ତ ହୋଇଥିବା ସେହି ଯୋଗୀଙ୍କୁ ଉତ୍ତମ ଆନନ୍ଦ ପ୍ରାପ୍ତ ହୁଏ ||୬-୨୭ ||    Supreme bliss comes to a Self-realized yogi whose mind is tranquil, whose desires are under control, and who is free from sin (or faults). (6.27)

## ୟୁଞ୍ଜନ୍ନେବଂ ସଦାତ୍ମାନଂ ୟୋଗୀ ବିଗତକଲ୍ମଷଃ .

## ସୁଖେନ ବ୍ରହ୍ମସଂସ୍ପର୍ଶମତ୍ୟଂତଂ ସୁଖମଶ୍ନୁତେ .. ୬-୨୮..

ସେହି ନିଷ୍ପାପ ଯୋଗୀ ଏହିପରିଭାବରେ ନିରନ୍ତର ଆତ୍ମାକୁ ପରମାତ୍ମାରେ ଲଗାଇରଖି ସୁଖପୂର୍ବକ ପରବ୍ରହ୍ମ ପରମାତ୍ମପ୍ରାପ୍ତିରୂପକ ଅନନ୍ତ ଆନନ୍ଦ ଅନୁଭବ କରନ୍ତି | ||୬-୨୮ ||

Such a sinless yogi, who constantly engages the mind with the Self, easily enjoys the infinite bliss of contact with Brahman. (6.28)

## ସର୍ବଭୂତସ୍ଥମାତ୍ମାନଂ ସର୍ବଭୂତାନି ଚାତ୍ମନି .

## ଈକ୍ଷତେ ୟୋଗୟୁକ୍ତାତ୍ମା ସର୍ବତ୍ର ସମଦର୍ଶନଃ .. ୬-୨୯..

ସର୍ବବ୍ୟାପୀ ଅନନ୍ତଚେତନରେ ଅର୍ଥାତ୍ ପରବ୍ରହ୍ମ ପରମାତ୍ମାରେ ଏକୀଭାବରେ ସ୍ଥିତିରୂପ ଯୋଗଦ୍ୱାରା ଯୁକ୍ତ ଆତ୍ମବାନ୍ ତଥା ସର୍ବତ୍ର ସମଭାବ ଦର୍ଶନ କରୁଥିବା ଯୋଗୀ ଆତ୍ମାକୁ ସକଳ ଭୂତରେ ଅବସ୍ଥିତ ଓ ସକଳ ଭୂତଙ୍କୁ ଆତ୍ମାରେ କଳ୍ପିତ ହୋଇଥିବା ଦେଖନ୍ତି | * ||୬-୨୯ ||

Because of perceiving the (same) Self (abiding) in all beings and all beings (abiding) in the (same) Self; a yogi, who is in union with the Self, sees everybeing with an equal eye.  (See also 4.35) (6.29)

## ୟୋ ମାଂ ପଶ୍ୟତି ସର୍ବତ୍ର ସର୍ବଂ ଚ ମୟି ପଶ୍ୟତି .

## ତସ୍ୟାହଂ ନ ପ୍ରଣଶ୍ୟାମି ସ ଚ ମେ ନ ପ୍ରଣଶ୍ୟତି .. ୬-୩୦..

ଯେଉଁ ପୁରୁଷ ସକଳ ପ୍ରାଣୀଙ୍କ ଠାରେ ସକଳଙ୍କର ଆତ୍ମାରୂପେ ମୋତେ ଅର୍ଥାତ୍ ବାସୁଦେବଙ୍କୁ ହିଁ ବ୍ୟାପି ରହିଥିବା ଦେଖନ୍ତି ଓ ସକଳ ପ୍ରାଣୀଙ୍କୁ ମୋର ଅର୍ଥାତ୍ ବାସୁଦେବଙ୍କର ଅନ୍ତର୍ଗତ ଥିବା ଦେଖନ୍ତି, ତାଙ୍କ ପାଇଁ ମୁଁ ଅଦୃଶ୍ୟ ହୁଏ ନାହିଁ, କି ସେ ମୋ ପାଇଁ ଅଦୃଶ୍ୟ ହୁଅନ୍ତି ନାହିଁ ||୬-୩୦ ||

Those who see Me in everything and see everything in Me, are not separated from Me and I am not separated from them. (6.30)

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ .

ସର୍ବଥା ବର୍ତମାନୋଽପି ସ ଯୋଗୀ ମୟି ବର୍ତତେ .. ୬-୩୧..

ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ଯ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି | ||୬-୩୧ ||

The non-dualists, who adore Me as abiding in all beings, abide in Me irrespective of their mode of living. (6.31)

ଆତ୍ମୌପମ୍ୟେନ ସର୍ବତ୍ର ସମଂ ପଶ୍ୟତି ଯୋଽର୍ଜୁନ .

ସୁଖଂ ବା ଯଦି ବା ଦୁଃଖଂ ସ ଯୋଗୀ ପରମୋ ମତଃ .. ୬-୩୨..

ହେ ଅର୍ଜୁନ! ସକଳଭୂତରେ ଆତ୍ମଭାବ ହୋଇଯିବାରୁ ଯେଉଁ ଯୋଗୀ ସମସ୍ତଙ୍କୁ ନିଜପରି ସମଭାବରେ ଦେଖନ୍ତି ଏବଂ ସମସ୍ତଙ୍କର ସୁଖଦୁଃଖକୁ ବି ନିଜର ସୁଖଦୁଃଖସମାନ ଦେଖନ୍ତି, ତାଙ୍କୁ ପରମ ଶ୍ରେଷ୍ଠ ବୋଲି ସ୍ୱୀକାର କରାଯାଏ ||୬-୩୨ ||

One is considered the best yogi who regards every being like oneself, and who can feel the pain and pleasures of others as one's own, O Arjuna. (6.32)

ଅର୍ଜୁନ ଉବାଚ .

ଯୋଽୟଂ ଯୋଗସ୍ତ୍ୱୟା ପ୍ରୋକ୍ତଃ ସାମ୍ୟେନ ମଧୁସୂଦନ .

ଏତସ୍ୟାହଂ ନ ପଶ୍ୟାମି ଚଂଚଲତ୍ୱାତ୍ସ୍ଥିତିଂ ସ୍ଥିରାମ୍ .. ୬-୩୩..

ଅର୍ଜୁନ କହିଲେ --- ହେ ମଧୁସୂଦନ! ଆପଣଙ୍କ ଦ୍ୱାରା ଏହି ଯେଉଁ ସମତ୍ୱରୂପକ ଯୋଗ କୁହାଗଲା, ମନର ଚଞ୍ଚଳତାହେତୁ ମୁଁ ତାହାର ନିତ୍ୟସ୍ଥିତି ଦେଖିପାରୁ ନାହିଁ ||୬-୩୩ ||

Arjuna said: O Krishna, You have said that yoga of meditation is characterized by the equanimity (of mind), but, due to restlessness of mind I do not perceive the steady state of mind. (6.33)

ଚଂଚଲଂ ହି ମନଃ କୃଷ୍ଣ ପ୍ରମାଥି ବଲବଦ୍ ଦୃଢମ୍ .

ତସ୍ୟାହଂ ନିଗ୍ରହଂ ମନ୍ୟେ ବାୟୋରିବ ସୁଦୁଷ୍କରମ୍ .. ୬-୩୪..

କାରଣ ହେ ଶ୍ରୀକୃଷ୍ଣ! ଏହି ମନ ବଡ ଚଞ୍ଚଳ, ଇନ୍ଦ୍ରିୟବିକ୍ଷୋଭକାରୀ, ବଡ ଦୃଢ ଓ ବଳବାନ୍ ଅଟେ | ତେଣୁ ମୁଁ ଭାବୁଛି, ତାହାକୁ ବଶ କରିବା ବାୟୁକୁ ବଶ କରିବା ପରି ଅତ୍ୟନ୍ତ ଦୁଷ୍କର ||୬-୩୪ ||

Because the mind, indeed, is very unsteady, turbulent, powerful, and obstinate, O Krishna. I think restraining the mind is as difficult as restraining the wind. (6.34)

ଶ୍ରୀଭଗବାନୁବାଚ .

ଅସଂଶୟଂ ମହାବାହୋ ମନୋ ଦୁର୍‌ନିଗ୍ରହଂ ଚଲମ୍ .

ଅଭ୍ୟାସେନ ତୁ କୌଂତେୟ ବୈରାଗ୍ୟେଣ ଚ ଗୃହ୍ୟତେ .. ୬-୩୫..

ଶ୍ରୀଭଗବାନ୍ କହିଲେ --- ହେ ମହାବାହୁ! ମନ ଯେ ଚଞ୍ଚଳ ଓ ବଡ କଷ୍ଟରେ ବଶୀଭୂତ ହୁଏ , ତାହା ନିଃସନ୍ଦେହ |

କିନ୍ତୁ ହେ କୁନ୍ତିପୁତ୍ର ଅର୍ଜୁନ! ଏହା ଅଭ୍ୟାସ ଓ ବୈରାଗ୍ୟଦ୍ୱାରା ବଶୀଭୂତ ହୋଇଥାଏ ||୬-୩୫ ||

The Supreme Lord said: Undoubtedly, O Arjuna, the mind is restless and difficult to restrain, but it is subdued by Abhyaasa (or constant vigorous spiritual practice with perseverance), and Vairaagya (or detachment), O Arjuna. (6.35)

ଅସଂୟତାତ୍ମନା ୟୋଗୋ ଦୁଷ୍ପ୍ରାପ ଇତି ମେ ମତିଃ .

ବଶ୍ୟାତ୍ମନା ତୁ ୟତତା ଶକ୍ୟୋଽବାପ୍ତୁମୁପାୟତଃ .. ୬-୩୬..

ଯାହାର ମନ ସଂଯତ ହୋଇ ନାହିଁ, ତା'ଦ୍ୱାରା ଯୋଗ ଦୁଷ୍ପ୍ରାପ୍ୟ ଓ ମନକୁ ବଶ କରିଥିବା ପ୍ରଯତ୍ନଶୀଳ ପୁରୁଷଙ୍କ

ଦ୍ୱାରା ସାଧନା ବଳରେ ତାହା ପ୍ରାପ୍ତ ହେବା ସହଜ -- ଏହା ମୋର ମତ ||୬-୩୬ ||

In My opinion, yoga is difficult for the one whose mind is not subdued. However, yoga is attainable by the person of subdued mind by striving through proper means. (6.36)

ଅର୍‌ଜୁନ ଉବାଚ .

ଅୟତିଃ ଶ୍ରଦ୍ଧୟୋପେତୋ ୟୋଗାଚ୍ଚଲିତମାନସଃ .

ଅପ୍ରାପ୍ୟ ୟୋଗସଂସିଦ୍ଧିଂ କାଂ ଗତିଂ କୃଷ୍ଣ ଗଚ୍ଛତି .. ୬-୩୭..

ଅର୍ଜୁନ ପଚାରିଲେ ----- ହେ ଶ୍ରୀକୃଷ୍ଣ! ଯେ ଯୋଗରେ ଶ୍ରଦ୍ଧା ରଖନ୍ତି କିନ୍ତୁ ସଂଯମୀ ନୁହନ୍ତି ଏବଂ ସେହି

କାରଣରୁ ଯାହାଙ୍କ ମନ ଅନ୍ତକାଳରେ ଯୋଗରୁ ବିଚଳିତ ହୋଇଯାଏ, ସେପରି ସାଧକ ଯୋଗସିଦ୍ଧି ଅର୍ଥାତ୍

ଭଗବତ୍‌ସାକ୍ଷାତ୍‌କାର ପ୍ରାପ୍ତି କରି ନ ପାରି କେଉଁ ଗତି ପ୍ରାପ୍ତ ହୁଅନ୍ତି ? ||୬-୩୭ ||

Arjuna said: For the faithful but of unsubdued mind, who deviates from (the path of) meditation and fails to attain yogic perfectionwhat is the destination of such a person, O Krishna? (6.37)

**କଚ୍ଚିନ୍ନୋଭୟବିଭ୍ରଷ୍ଟଶ୍ଛିନ୍ନାଭ୍ରମିବ ନଶ୍ୟତି .**

**ଅପ୍ରତିଷ୍ଠୋ ମହାବାହୋ ବିମୂଢୋ ବ୍ରହ୍ମଣଃ ପଥି .. ୬-୩୮..**

ହେ ମହାବାହୋ! କ'ଣ ସେହି ଭଗବତପ୍ରାପ୍ତି-ମାର୍ଗରେ ମୋହିତ ଓ ଆଶ୍ରୟରହିତ ହୋଇଯାଇଥିବା ପୁରୁଷ ଛିନ୍ନଭିନ୍ନ ମେଘପରି ଉଭୟ ଦିଗରୁ ଭ୍ରଷ୍ଟ ହୋଇ ନଷ୍ଟ ହୋଇଯାନ୍ତି ନାହିଁ କି? ||୬-୩୮||

Do they not perish like a dispersing cloud, O Krishna, having lost both (yoga and Bhoga, the heavenly and worldly pleasures), supportless and bewildered on the path of Self-realization? (6.38)

**ଏତନ୍ମେ ସଂଶୟଂ କୃଷ୍ଣ ଛେତ୍ତୁମର୍ହସ୍ୟଶେଷତଃ .**

**ତ୍ୱଦନ୍ୟଃ ସଂଶୟସ୍ୟାସ୍ୟ ଛେତ୍ତା ନ ହ୍ୟୁପପଦ୍ୟତେ .. ୬-୩୯..**

ହେ ଶ୍ରୀକୃଷ୍ଣ! ମୋର ଏହି ସଂଶୟ ସଂପୂର୍ଣ୍ଣରୂପେ ଛେଦନ କରିବାକୁ ଆପଣ ହିଁ ସମର୍ଥ ଅଟନ୍ତି; କାରଣ ଆପଣଙ୍କ ବ୍ୟତୀତ ଅନ୍ୟ କେହି ଏହି ସଂଶୟର ଛେଦନକାରୀ ମିଳିବା ସମ୍ଭବ ନୁହେଁ ||୬-୩୯||

O Krishna, only You are able to completely dispel this doubt of mine. Because there is none, other than You, who can dispel this doubt. (See also 15.15) (6.39)

**ଶ୍ରୀଭଗବାନୁବାଚ .**

**ପାର୍ଥ ନୈବେହ ନାମୁତ୍ର ବିନାଶସ୍ତସ୍ୟ ବିଦ୍ୟତେ .**

**ନ ହି କଲ୍ୟାଣକୃତ୍କଶ୍ଚିଦ୍ ଦୁର୍ଗତିଂ ତାତ ଗଚ୍ଛତି .. ୬-୪୦..**

ଶ୍ରୀଭଗବାନ୍ କହିଲେ -- ହେ ପାର୍ଥ ! ସେହି ପୁରୁଷଙ୍କର ଇହଲୋକରେ ବିନାଶ ହୁଏ ନାହିଁ, କି ପରଲୋକରେ ବିନାଶ ହୁଏ ନାହିଁ; କାରଣ ହେ ପ୍ରିୟ ! ଆତ୍ମୋଦ୍ଧାରପାଇଁ ଅର୍ଥାତ୍ ଭଗବତ୍ପ୍ରାପ୍ତିପାଇଁ କର୍ମ କରୁଥିବା କୌଣସି ବି ପୁରୁଷ ଦୁର୍ଗତି ପ୍ରାପ୍ତ ହୁଅନ୍ତି ନାହିଁ ||୬-୪୦||

The Supreme Lord said: There is no destruction, O Arjuna, for such a yogi either here or hereafter. A transcendentalist is never put to grief (or bad state), My dear friend. (6.40)

**ପ୍ରାପ୍ୟ ପୁଣ୍ୟକୃତାଂ ଲୋକାନୁଷିତ୍ୱା ଶାଶ୍ୱତୀଃ ସମାଃ .**

**ଶୁଚୀନାଂ ଶ୍ରୀମତାଂ ଗେହେ ଯୋଗଭ୍ରଷ୍ଟୋଽଭିଜାୟତେ .. ୬-୪୧..**

ଯୋଗଭ୍ରଷ୍ଟ ପୁରୁଷ ପୁନ୍ୟବାନ୍ମାନଙ୍କର ଲୋକ ଅର୍ଥାତ୍ ସ୍ୱର୍ଗାଦି ଉତ୍ତମ ଲୋକ ପ୍ରାପ୍ତ ହୋଇ, ବହୁ ବର୍ଷଯାଏ ସେଠାରେ ନିବାସ କରି ଶୁଦ୍ଧ ଆଚରଣବିଶିଷ୍ଟ ଶ୍ରୀମନ୍ତ (ଲକ୍ଷ୍ମୀମନ୍ତ) ପୁରୁଷମାନଙ୍କ ଗୃହରେ ଜନ୍ମ ନିଅନ୍ତି ||୬-୪୧||

The unsuccessful yogi is reborn, after attaining heaven and living there for many years, in the house of the pure and prosperous; or (6.41)

**ଅଥବା ୟୋଗିନାମେବ କୁଲେ ଭବତି ଧୀମତାମ୍ .**

**ଏତଦ୍ଧି ଦୁର୍ଲଭତରଂ ଲୋକେ ଜନ୍ମ ୟଦୀଦୃଶମ୍ .. ୬-୪୨..**

ଅଥବା ବୈରାଗ୍ୟବାନ୍ ପୁରୁଷ ସେସବୁ ଲୋକକୁ ନ ଯାଇ ଜ୍ଞାନବାନ୍ ଯୋଗୀମାନଙ୍କର କୁଳରେ ହିଁ ଜନ୍ମନ୍ତି; କିନ୍ତୁ ଏପରି ଜନ୍ମ ସଂସାରରେ ନିଃସନ୍ଦେହ ଅତ୍ୟନ୍ତ ଦୁର୍ଲଭ ||୬-୪୨||

Such a yogi is born in a family of wise transcendentalists. A birth like this is very difficult, indeed, to obtain in this world. (6.42)

**ତତ୍ର ତଂ ବୁଦ୍ଧିସଂୟୋଗଂ ଲଭତେ ପୌର୍ବଦେହିକମ୍ .**

**ୟତତେ ଚ ତତୋ ଭୂୟଃ ସଂସିଦ୍ଧୌ କୁରୁନଂଦନ .. ୬-୪୩..**

ସେଠାରେ ପୂର୍ବଜନ୍ମର ଶରୀରରେ ସଂଗ୍ରହ କରିଥିବା ବୁଦ୍ଧିର ସେହି ସଂଯୋଗକୁ ଅର୍ଥାତ୍ ସମବୁଦ୍ଧିରୂପକ ଯୋଗସଂସ୍କାରମାନଙ୍କୁ ସେ ସହଜରେ ପ୍ରାପ୍ତ ହୋଇଯାନ୍ତି ଏବଂ ହେ କୁରୁନନ୍ଦନ! ତାହାର ପ୍ରଭାବରେ ସେ ପୁଣିଥରେ ପରମାତ୍ମାପ୍ରାପ୍ତିରୂପକ ସିଦ୍ଧିପାଇଁ ପୂର୍ବ ଅପେକ୍ଷା ଅଧିକ ପ୍ରଯତ୍ନ କରନ୍ତି ||୬-୪୩||

After taking such a birth, O Arjuna, one regains the knowledge acquired in the previous life, and strives again to achieve perfection. (6.43)

**ପୂର୍ବାଭ୍ୟାସେନ ତେନୈବ ହ୍ରିୟତେ ହ୍ୟବଶୋଽପି ସଃ .**

**ଜିଜ୍ଞାସୁରପି ୟୋଗସ୍ୟ ଶବ୍ଦବ୍ରହ୍ମାତିବର୍ତତେ .. ୬-୪୪..**

ଲକ୍ଷ୍ମୀବାନ୍ ଲୋକଙ୍କ ଘରେ ଜନ୍ମ ହୋଇଥିବା ସେହି ଯୋଗଭ୍ରଷ୍ଟ ପୁରୁଷ ପରାଧୀନ ହୋଇ ମଧ୍ୟ ପୂର୍ବାଭ୍ୟାସପ୍ରଭାବରେ ହିଁ ନିଃସନ୍ଦେହ ଭଗବାନଙ୍କ ପ୍ରତି ଆକର୍ଷିତ ହୁଅନ୍ତି ତଥା ସମବୁଦ୍ଧିରୂପକ ଯୋଗର ଜିଜ୍ଞାସୁ ମଧ୍ୟ ବେଦରେ କଥିତ ସକାମକର୍ମର ଫଳକୁ ଉଲଙ୍ଘନ କରିଯା'ନ୍ତି ||୬-୪୪||

The unsuccessful yogi is instinctively carried towards Brahman by virtue of Sanskaara (or the impressions) of yogic practices of previous lives. Even the inquirer of Brahman surpasses those who perform Vedic rituals. (6.44)

**ପ୍ରୟତ୍ନାଦ୍ୟତମାନସ୍ତୁ ୟୋଗୀ ସଂଶୁଦ୍ଧକିଲ୍ବିଷଃ .**

**ଅନେକଜନ୍ମସଂସିଦ୍ଧସ୍ତତୋ ୟାତି ପରାଂ ଗତିମ୍ .. ୬-୪୫..**

ପରନ୍ତୁ ପ୍ରଯତ୍ନପୂର୍ବକ ଅଭ୍ୟାସ କରୁଥିବା ଯୋଗୀ ତ ପୂର୍ବର ଅନେକ ଜନ୍ମର ସଂସ୍କାରବଳରେ ଇହଜନ୍ମରେ ସଂସିଦ୍ଧ ହୋଇ, ସମସ୍ତ ପାପରୁ ରହିତ ହୋଇ, ତତ୍କାଳ ହିଁ ପରମଗତି ପ୍ରାପ୍ତ ହୋଇଯାନ୍ତି ||୬-୪୫||

The yogi who diligently strives, perfecting (gradually) through many incarnations, becomes completely free from all sins (or imperfections) and reaches the supreme goal (of Self-realization). (6.45)

## ତପସ୍ୱିଭ୍ୟୋଽଧିକୋ ଯୋଗୀ ଜ୍ଞାନିଭ୍ୟୋଽପି ମତୋଽଧିକଃ .

## କର୍ମିଭ୍ୟଶ୍ଚାଧିକୋ ଯୋଗୀ ତସ୍ମାଦ୍ୟୋଗୀ ଭବାର୍ଜୁନ .. ୬-୪୬..

ଯୋଗୀ ତପସ୍ୱୀମାନଙ୍କ ଠାରୁ ଶ୍ରେଷ୍ଠ; ଶାସ୍ତ୍ରଜ୍ଞାନୀମାନଙ୍କ ଠାରୁ ମଧ୍ୟ ଶ୍ରେଷ୍ଠ ବୋଲି ଗଣ୍ୟ ଏବଂ ସକାମକର୍ମ କରୁଥିବା ଲୋକଙ୍କ ଠାରୁ ମଧ୍ୟ ଯୋଗୀ ଶ୍ରେଷ୍ଠ; ତେଣୁ ହେ ଅର୍ଜୁନ! ତୁମେ ଯୋଗୀ ହୋଇଯାଅ ||୬-୪୬||

The yogi is superior to the ascetics. The yogi is superior to the (Vedic) scholars. The yogi is superior to the ritualists. Therefore, O Arjuna, be a yogi. (6.46)

## ଯୋଗିନାମପି ସର୍ବେଷାଂ ମଦ୍ଗତେନାଂତରାତ୍ମନା .

## ଶ୍ରଦ୍ଧାବାନ୍ଭଜତେ ଯୋ ମାଂ ସ ମେ ଯୁକ୍ତତମୋ ମତଃ .. ୬-୪୭..

ସମସ୍ତ ଯୋଗୀମାନଙ୍କ ମଧ୍ୟରେ ବି ଯେଉଁ ଶ୍ରଦ୍ଧାବାନ୍ ଯୋଗୀ ମୋଠାରେ ଲାଗିରହିଥିବା ଅନ୍ତରାତ୍ମାଦ୍ୱାରା ମୋତେ ନିରନ୍ତର ଭଜୁଥାନ୍ତି, ସେହି ଯୋଗୀ ମୋ ପକ୍ଷରେ ପରମ ଶ୍ରେଷ୍ଠ ବୋଲି ମାନ୍ୟ ଅଟନ୍ତି ||୬-୪୭||

I consider one to be the most devoted of all the yogis who lovingly contemplates on Me with supreme faith, and whose mind is ever absorbed in Me. (See also 12.02 and 18.66) (6.47)

## ଓଁ ତତ୍ସଦିତି ଶ୍ରୀମଦ୍ଭଗବଦ୍ଗୀତାସୂପନିଷତ୍ସୁ

## ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ

## ଆତ୍ମସଂୟମଯୋଗୋ ନାମ ଷଷ୍ଠୋଽଧ୍ୟାୟଃ .. ୬..

**

---

PREPARED BY **www.odia.org** using the "**DHWANI-UNICODE**" software.
The shlokas are based on itrans text and the english meanings are quoted from “The Bhagavad-Geeta by Ramanand Prasad” (file “bgita_meaning.txt”) at www.sanskritdocuments.org .

The odia meaning is quoted from shrimadbhagabatgiitaa (Gita Press Gorakhpur #1100, ISBN 81-293-0066-4) in odia with tiikka by Jayadayaal Goyandaka.
**FOR CORRECTIONS: MAIL TO odiaorg@gmail.com**